## ମହିଳାଙ୍କୁ ଅସଦାଚରଣ, କର୍ମଚାରୀ ୨ ଘଣ୍ଟା ଅଟକ

ବାହାନଗା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ଅଠିଲାବାଜ ଗ୍ରାମକୁ ବିଦ୍ୟୁତ ବିଭାଗ କର୍ମଚାରୀ ମିଟର ଟାମ୍ପରିଂ ଚେକିଂ କରିବାକୁ ଯାଇ ଏକୁଟିଆ ଥିବା ଜଣେ ମହିଳାଙ୍କୁ ଅସଦାଚରଣ କରିବା ନେଇ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ ହୋଇଛି । ଏନେଇ ଗ୍ରାମବାସୀ ବିଦ୍ୟୁତ କର୍ମଚାରୀଙ୍କୁ ୨ ଘଣ୍ଟା ଅଟକ ରଖିଥିଲେ। ସୋର ଥାନା ପୋଲିସ୍ ବିଦ୍ୟୁତ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ପରେ ବିଭାଗ ତରଫରୁ ପାଲଟା ଅଭିଯୋଗ ଥାନାରେ ହୋଇଛି ।



## ସଂକ୍ଷେପରେ

### ଖୁଡ଼ୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ପୁତୁରା ଗିରଫ

ଆନନ୍ଦପୁର,୧୯।୧୦(ସ୍ୱ.ପ୍ର.):କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ସମ୍ପର୍କୀୟ ଖୁଡ଼ୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଅଭିଯୋଗରେ ପୁତୁରାକୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବିଜୟ ମହାନ୍ତ। ପୋଲିସ ସୂଚନା ମୁତାବକ ନିଜ ସମ୍ପର୍କୀୟ



ଖୁଡ଼ୀଙ୍କର ମୋବାଇଲରେ ଥିବା ଫେସ୍‌ବୁକ୍ ଆପ୍‌କୁ ଅପଡେଟ୍ କରିବା ବାହାନାରେ ମୋବାଇଲରେ ଥିବା ଅଶ୍ଳୀଳ ଫଟୋକୁ ଅଭିଯୁକ୍ତ ଭାଇରାଲ କରି ଦେଇଥିଲେ। ଏ ନେଇ ପୀଡ଼ିତା ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୬୪/୨୨ରେ ମାମଲା ରୁଜୁ କରି ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କ ମୋବାଇଲ୍ ଯାଞ୍ଚ କରିଥିଲା। ପରେ ମୋବାଇଲ, ସିମ୍‌କାର୍ଡ଼କୁ ଜବତ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ ଅଭିଯୁକ୍ତ ବିଜୟ ନିଜ ଖୁଡ଼ୀର ବିୟୋଗରେ ମୁଖାଗ୍ନି ଦେଇଥିବା ବେଳେ ଖୁଡ଼ିର ନବମୀ କ୍ରିୟା ଦିନ ଗିରଫ ହୋଇ ଦଶାହରେ କୋର୍ଟଚାଲାଣ ହୋଇଥିଲେ। ଫଳରେ ଖୁଡ଼ୀଙ୍କ ଦଶାହ କ୍ରିୟାକର୍ମରେ ଯୋଗଦେଇ ପାରି ନ ଥିଲେ।

### ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀକୁ ସରକାରୀ ଛୁଟି ଘୋଷଣା ଦାବି

ବାରିପଦା ଅଫିସ, ୧୯।୧୦- ନବ ଉତ୍କଳର ଅନ୍ୟତମ ନିର୍ମାତା ତଥା ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ତତ୍କାଳୀନ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜନ୍ମ ଜୟନ୍ତୀ (ଡିସେମ୍ବର ୧୭ ତାରିଖ)କୁ ସରକାରୀ ଛୁଟି ଘୋଷଣା କରିବାକୁ ଦାବି ହୋଇଛି। ଏନେଇ ଓଡ଼ିଆ ଜାଗରଣ ମଞ୍ଚର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଜରିଆରେ ପ୍ରଦାନ କରିଛନ୍ତି। ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ପୀତାମ୍ବର ମଲ୍ଲିକ, ଆଇନଜୀବୀ ଉମାକାନ୍ତ ରାଉତ, ନରେନ୍ଦ୍ର ମୋହନ ସେନାପତି, ଉଦୟନାଥ ଜେନା, ନନ୍ଦଲାଲ ସିଂ ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

### ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ

କୁଆମରା,୧୯।୧୦(ଡି.ଏନ.ଏ.)- ଗୋପବନ୍ଧୁ ନଗର ବ୍ଲକ କୁଆମରା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଷ୍ଟାଏ ହାଇ ସ୍ପୋର୍ଟସ କ୍ଲବ ଆନୁକୁଲ୍ୟରେ ଏକ ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସୁକାନ୍ତ ପଟ୍ଟନାୟକ ଏ ପ୍ରତିଯୋଗିତାକୁ ଉଦଘାଟନ କରିଥିବା ବେଳେ ଅତିଥି ଭାବେ କୁଆମରା ବିକାଶ ପରିଷଦର ବରିଷ୍ଠ ନାଗରିକ କୁଳମଣି ବେହେରା, ବିମଳା ପ୍ରସାଦ ମିଶ୍ର, ଦେବେନ୍ଦ୍ର ପଣ୍ଡା ଓ ବିଶ୍ୱମ୍ବର ବଳିଆରସିଂହ ଯୋଗ ଦେଇଥିଲେ। ଖେଳ ପରିଚାଳନା ଦାୟିତ୍ୱରେ ବିଦ୍ୟାଧର ପୁହାଣ ଓ କୁମାର ରଞ୍ଜନ ମଲ୍ଲିକ ଥିଲେ। କ୍ଲବର ସଦସ୍ୟ ଦେବାଶିଷ ନାୟକ, ସଞ୍ଜୀବ ଜେନା, ଆକାଶ ବଳିଆରସିଂହ, କ୍ଷୀତିଶ ନାୟକ, ରାଜେଶ ମଡୁଆଲ ଓ ଗୋପୀନାଥ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ବିଭିନ୍ନ ପ୍ରାନ୍ତରୁ ୬ଟି ଦଳ ଅଂଶ ଗ୍ରହଣ କରିଥିଲେ। କୁଆମରା ଓ ବଇଁଚା (ମଣିଦା)।ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା ବେଳେ ବାଇଆଁ ଦଳ ବିଜୟୀ ହୋଇଥିଲା।

# ସହରରେ ବଢୁଛି ବେଆଇନ ବାଣ ବିକ୍ରି

- ଜନବସତିରେ ରହୁଛି ମହଜୁଦ୍
- ସୁରକ୍ଷା ବ୍ୟବସ୍ଥା ଢ଼ିଲା

ବାରିପଦା ଅଫିସ,୧୯।୧୦

ମୟୂରଭଞ୍ଜ ଜିଲା ବାରିପଦା ସହରରେ ବେଆଇନ ବାଣ ମହଜୁଦ ଓ ବିକ୍ରି ଚାଲିଛି। ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବା ବେଳେ ବିପଦସଙ୍କୁଳ ସ୍ଥାନରେ ବାଣ ମହଜୁଦ୍ ରଖାଯାଉଛି। ପ୍ରଶାସନିକ ଅବହେଳାରୁ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର। ଅଘଟଣ ଘଟିବା ପୂର୍ବରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରବାସୀ ଦାବି କରିଛନ୍ତି ।

ଆଲୋକର ପର୍ବ ଦୀପାବଳୀରେ ବାଣ ଫୁଟାଇ ମଜା ନେବା ପାଇଁ ବାଣ ଦୋକାନରେ ଲୋକେ ଭିଡ଼ ଜମାଉଛନ୍ତି। ବାରିପଦା ସହର ଉପକଣ୍ଠ ପାଲବଣୀ ବାଇପାସ ସ୍ଥିତ ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ବେଆଇନ ବାଣ ଓ ଆତସବାଜି ମହଜୁଦ୍ ରଖି ଜଣେ ବ୍ୟବସାୟୀ ବିକ୍ରି ଚଳାଇ ଆସୁଛନ୍ତି। ସେ ଦୀର୍ଘ ଏକ ମାସ ପୂର୍ବରୁ ବାଣ ବିକ୍ରି କରୁଥିଲେ ମଧ୍ୟ ଜିଲା ପ୍ରଶାସନ ପାଖରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି। ଗୋଦାମ ପାଇଁ ଗୋଟିଏ ସ୍ଥାନର ଅନୁମତି ଥିବା ବେଳେ ଜନବସତି ଅଞ୍ଚଳରେ ସେ ବାଣ ମହଜୁଦ ରଖିଥିବା ଅଭିଯୋଗ ହେଉଛି। ପୋଲିସ, ଅଗ୍ନିଶମ ଓ ଜିଲା ପ୍ରଶାସନ ପକ୍ଷରୁ ଗ୍ରାମାଞ୍ଚଳରେ ଯେଭଳି ଚଢ଼ାଉ କରାଯାଉଛି ସେହିପରି ସହରାଞ୍ଚଳରେ ଚଢ଼ାଉ କରାଯାଉନାହିଁ।

ସୂଚନା ଅନୁଯାୟୀ, ବାରିପଦା ଓ ରାଇରଙ୍ଗପୁର ମ୍ୟୁନିସିପାଲଟି, କରଞ୍ଜିଆ ଓ ଉଦଳା ପୌରାଞ୍ଚଳ ସମେତ ୨୬ଟି ବ୍ଲକରେ ଥିବା ଛୋଟ ବଡ଼ ବଜାରର ବ୍ୟବସାୟୀମାନେ ଆତସବାଜି ସାମଗ୍ରୀ ଓ ବାଣ କିଣା ଆରମ୍ଭ କରି ବିକ୍ରି ପାଇଁ ଲାଇସେନ୍ସ ଆବେଦନ କରିଛନ୍ତି। ଅଦ୍ୟାବଧି ଜିଲାରେ ୧୪୨ଜଣଙ୍କ ମଧ୍ୟରୁ ୯୦ଜଣ ଲାଇସେନ୍ସ ପାଇଥିବା ବେଳେ ତନ୍ମଧ୍ୟରୁ ବାରିପଦା ସହରରେ ୨୧ଜଣ ବାଣ ବିକ୍ରି ପାଇଁ ଅନୁମତିପତ୍ର ପାଇଛନ୍ତି। ସମସ୍ତେ ଛଉ ପଡ଼ିଆଠାରେ ବାଣି ବିକ୍ରି କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ତେବେ ଅସାଧୁ ବ୍ୟବସାୟୀ ଜଣକ ଉଦ୍ଦିଷ୍ଟ ସ୍ଥାନରେ ବାଣ ନ ରଖି ଜନବସତି ତଥା ବିପଦପୂର୍ଣ୍ଣ ସ୍ଥାନରେ ମହଜୁଦ ରଖିବାରୁ କୌଣସି ମୁହୂର୍ତ୍ତରେ ଅଘଟଣ ଆଶଙ୍କାକୁ ଏଡ଼ାଇ ଦେଇ ହେବନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଅଗ୍ନିଶମ ବିଭାଗର ଅତିରିକ୍ତ ଫାୟାର ଅଫିସର ଭବେନ୍ଦ୍ର ନାଥ ଦେ କୁହନ୍ତି, ବାଣ ମହଜୁଦ ରଖାଯିବା ନେଇ କୌଣସି ଅନୁମତିପତ୍ର ବିଭାଗର ହସ୍ତଗତ ହୋଇନାହିଁ। ଖୁବ୍‌ଶୀଘ୍ର ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବେଆଇନ ବାଣ ବ୍ୟବସାୟୀଙ୍କ ବିରୋଧରେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ମିଳିତ ଭାବେ ଚଢ଼ାଉ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି ପ୍ରକାଶ କରିଛନ୍ତି । ତେବେ ଜିଲା ପ୍ରଶାସନ ଓ ମ୍ୟୁନସିପାଲିଟି ପକ୍ଷରୁ ଚଢ଼ାଉ କରା ନ ଗଲେ ଆଗାମୀ ଦିନରେ ଏହିଭଳି ବ୍ୟବସାୟୀମାନେ ମନୋମୁଖି ବେପାର ଆରମ୍ଭ କରିବେ ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

## ଧାମନଗର ଉପନିର୍ବାଚନ
# ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ଅଟୋରିକ୍ସା, ହ୍ୱିଲ୍‌ଚେୟାର

ଭଦ୍ରକ ଅଫିସ, ୧୯।୧୦

ଧାମନଗର ଉପନିର୍ବାଚନ ପାଇଁ ନଭେମ୍ବର ୩ରେ ଭୋଟ ଗ୍ରହଣ ଥିବା ବେଳେ ଭୋଟ ଦେବା ଲାଗି ବୁଥ୍‌କୁ ଆସିବାକୁ ଅସମର୍ଥ ଥିବା ଦିବ୍ୟାଙ୍ଗ ଭୋଟରମାନଙ୍କ ପାଇଁ ଭାରତର ନିର୍ବାଚନ ଆୟୋଗ ଏବଂ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବାହନ ପାସ୍ ବ୍ୟବସ୍ଥା କରାଯାଇଛି। ପ୍ରଥମ ଥର ପାଇଁ ପ୍ରଚଳିତ ଏହି ବ୍ୟବସ୍ଥାରେ ମତଦାନ କେନ୍ଦ୍ରକୁ ଯିବା ଓ ଆସିବା ପାଇଁ ଧାମନଗର ବ୍ଲକ ପାଇଁ ୭୨ଟି ଓ ତିହିଡ଼ି ବ୍ଲକ ପାଇଁ ୨୬ଟିକୁ ମିଶାଇ ସମୁଦାୟ ୯୮ଟି ଅଟୋରିକ୍ସା ବ୍ୟବସ୍ଥା କରାଯାଇଛି। ମତଦାନ କେନ୍ଦ୍ରରେ ପହଞ୍ଚିବା ପରେ ମତଦାନ କକ୍ଷକୁ ଯିବାପାଇଁ ପ୍ରତି ବୁଥ୍‌ରେ ଗୋଟିଏ ଲେଖାଏ ହ୍ୱିଲ୍ ଚେୟାର ଓ ଦୁଇଜଣ ସହାୟକ ଉପସ୍ଥିତ ରହିବାର ବ୍ୟବସ୍ଥା କରାଯାଇଛି। ସମୁଦାୟ ୨୫୨ଟି ବୁଥ୍ ପାଇଁ ୨୫୨ଟି ହ୍ୱିଲ ଚେୟାର ପ୍ରସ୍ତୁତ ଥିଲା ବେଳେ ୫୦୪ଜଣ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ସ୍କାଉଟ୍, ଗାଇଡ୍ ଓ ଏନ୍‌ସିସି ବିଦ୍ୟାର୍ଥୀମାନଙ୍କୁ ଏହି ସ୍ୱେଚ୍ଛାସେବୀ ଦାୟିତ୍ୱ ନିର୍ବାହ ପାଇଁ ଚିହ୍ନଟ କରାଯିବ। ସୂଚନାଯୋଗ୍ୟ ଯେ. ଏହି ଉପନିର୍ବାଚନ ପାଇଁ ପ୍ରକାଶିତ ଭୋଟର ତାଲିକା ଅନୁଯାୟୀ ୪୦ ପ୍ରତିଶତରୁ ଉର୍ଦ୍ଧ୍ୱ ପ୍ରମାଣପତ୍ର ପାଇଥିବା ୪୮୭୧ ଜଣ ଭୋଟରଙ୍କ ନାମ ଭୋଟର ତାଲିକାରେ ଅଛି ।

# ଆଉଟସୋର୍ସିଂ ଉଚ୍ଛେଦ ପାଇଁ ଦାବି



ଜିଲାରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀ।

ବାଲେଶ୍ୱର ଅଫିସ, ୧୯।୧୦

**ଆନ୍ଦୋଳନ ଦାନା ବାନ୍ଧୁଛି**

ଆଉଟସୋର୍ସିଂକୁ ଉଚ୍ଛେଦ କରିବା ପାଇଁ ବାଲେଶ୍ୱର ଜିଲାର ବିଭିନ୍ନ ସରକାରୀ ଅଫିସ୍‌ରେ ଆଉଟସୋର୍ସିଂ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଦାବି କରିଛନ୍ତି। ଦାବି ପ୍ରତି ଗୁରୁତ୍ୱ ନ ଦେଲେ ଆନ୍ଦୋଳନ କରାଯିବ ବୋଲି ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ବୈଠକରେ ମତ ପ୍ରକାଶ ପାଇଛି।

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମୁଖ୍ୟ ବିଭାଗ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନିକ କାର୍ଯ୍ୟାଳୟରେ ଚତୁର୍ଥଶ୍ରେଣୀ କର୍ମଚାରୀ ଭାବେ ଆଉଟସୋର୍ସିଂ ଏଜେନ୍ସିମାନଙ୍କଠାରୁ କର୍ମଚାରୀ ଗ୍ରହଣ କରି ଦୀର୍ଘ ୮/୧୦ ବର୍ଷ ଧରି ଚଳାଇଆସୁଛନ୍ତି। ବେକାରୀ ସମସ୍ୟା ଦୂର କରିବା ପାଇଁ ଶିକ୍ଷିତ ଯୁବତୀଯୁବକମାନେ ଏହି ପଦବୀ ପାଇଁ ବାଧ ହୋଇ ଆଗ୍ରହ ପ୍ରକାଶ କରୁଥିବା ବେଳେ ଭବିଷ୍ୟତ ଅନ୍ଧାର ହୋଇଯାଉଛି। ଦୈନିକ ୮ଘଣ୍ଟା କାର୍ଯ୍ୟ କରି ମଧ୍ୟ ମାସିକ ମାତ୍ର ୮ରୁ ୧୨ହଜାର ଟଙ୍କା ଦରମା ପାଉଛନ୍ତି। ନିକଟରେ ରାଜ୍ୟ ସରକାର ଠିକା କର୍ମଚାରୀ ନିଯୁକ୍ତିକୁ ଉଚ୍ଛେଦ କରି ସମସ୍ତଙ୍କୁ ନିୟମିତ କର୍ମଚାରୀ ଭାବେ ଗ୍ରହଣ କରିବା ପରେ ଆଉଟସୋର୍ସିଂ ଉଚ୍ଛେଦ ପାଇଁ ରାଜ୍ୟ ସାରା ଆନ୍ଦୋଳନ ଦାନା ବାନ୍ଧୁଛି। ଏହି ପରିପ୍ରେକ୍ଷୀରେ ପ୍ରଶାନ୍ତ ବେହେରା, ମନୋଜ କୁମାର ରାଉତ, ସତ୍ୟଜିତ୍ ଦତ୍ତ, ହିମାଂଶୁ ଶେଖର ବାରିକ, ସସ୍ମିତା ପାଣିଗ୍ରାହୀ, ରଞ୍ଜିତା ବାରିକଙ୍କ ତତ୍ତ୍ୱାବଧାନରେ ଶତାଧିକ ଆଉଟସୋର୍ସିଂ କର୍ମଚାରୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକାଠି ହୋଇ ଆନ୍ଦୋଳନର ରୂପରେଖ ସମ୍ପର୍କରେ ଆଲୋଚନା କରିବା ସହ ଆଗାମୀ ଦିନରେ ଏହାକୁ ରାଜ୍ୟସ୍ତରୀୟ ଆନ୍ଦୋଳନରେ ପରିଣତ କରିବାକୁ ଉଦ୍ୟମ ଜାରି ରଖିଥିବା ପ୍ରକାଶ କରିଛନ୍ତି।

## ଜାଲ ଦସ୍ତଖତରେ ସରକାରୀ ଟଙ୍କା ଉଠାଣ

ବସ୍ତା, ୧୯।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଏସ୍‌ବିଆଇ ମୁକୁଲିସି ଶାଖାରେ ଜାଲ ଦସ୍ତଖତରେ ସରକାରୀ ଟଙ୍କା ଉଠାଣ କରାଯାଇଥିବା ଅଭିଯୋଗ ହୋଇଛି। କଇନଗରୀ ପଞ୍ଚାୟତ ଡୁବୁଲିଆ ଅଙ୍ଗନୱାଡି ୧ ସେଣ୍ଟର କର୍ମୀ ମୌସୁମୀ ଜେନା ଗତ ୫ବର୍ଷ ତଳେ କଇନଗରୀ ପଞ୍ଚାୟତର ତତ୍କାଳୀନ ସରପଞ୍ଚ କାବେରୀ ସୀଙ୍କ ସହିତ ଏସ୍‌ବିଆଇ ମୁକୁଲିସି ଶାଖାରେ ଏସ୍‌ଏନ୍‌ପିର ଯୁଗ୍ମ ଆକାଉଣ୍ଟ ଖୋଲିଥିଲେ। ୨୦୨୨ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ, ୱାର୍ଡମେମ୍ବରମାନଙ୍କର ପରିବର୍ତ୍ତନ ହେଲା ଏବଂ ମାର୍ଚ୍ଚ ୧୧ ତାରିଖରେ ସେମାନେ କାର୍ଯ୍ୟଭାର ଗ୍ରହଣ କଲେ। ସରକାରୀ ନିୟମ ଅନୁସାରେ ଏସ୍‌ଏନ୍‌ପି ଆକାଉଣ୍ଟ ଅଙ୍ଗନୱାଡି କର୍ମୀ ଏବଂ ନୂତନ ୱାର୍ଡମେମ୍ବରଙ୍କ ସହିତ ଆକାଉଣ୍ଟ ଅପଡେଟ୍ କରି ବ୍ୟାଙ୍କରୁ ଟଙ୍କା ଉଠାଇବା କଥା। ମାତ୍ର ତାହା ଅଦ୍ୟାବଧି କରା ନ ଯାଇ ପୁରୁଣା ସରପଞ୍ଚଙ୍କ ସହିତ ଯୁଗ୍ମ ଖାତାରୁ ଟଙ୍କା ଉଠାଚାଲିଛି। ନୂତନ ସରପଞ୍ଚ ଏପ୍ରିଲରେ ବ୍ୟାଙ୍କ ମ୍ୟାନେଜରଙ୍କ ସହିତ ଯୋଗାଯୋଗ କରି ଲିଖିତ ଭାବରେ ଜଣାଇଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଏଥିସହ ବସ୍ତା ସିଡିପିଓଙ୍କୁ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଫଳରେ ଆଜି ପର୍ଯ୍ୟନ୍ତ ବ୍ୟାଙ୍କରୁ ବେନିୟମ ଭାବରେ ଟଙ୍କା ଉଠାଚାଲିଛି। ମାର୍ଚ୍ଚରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ୮୧, ୫୦୦ ଟଙ୍କା ଉଠାଯାଇଥିବା ବ୍ୟାଙ୍କ ଷ୍ଟେଟମେଣ୍ଟରୁ ଜଣାପଡ଼ିଛି। ଏ ବିଷୟରେ ବାଲେଶ୍ୱର ଜିଲାପାଳଙ୍କୁ ଲିଖିତ ଅଭିଯୋଗ ପତ୍ର ଦେବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି।

## ଭୋଟରଙ୍କ ଲାଗି ବିକଳ୍ପ ପରିଚୟପତ୍ର

ଭଦ୍ରକ ଅଫିସ, ୧୯।୧୦

ଧାମନଗର ଉପନିର୍ବାଚନ ଲାଗି ଭୋଟର ତାଲିକାରେ ନାମ ଥିବା ଭୋଟରମାନଙ୍କୁ ନିଜ ସାଙ୍ଗରେ ଭୋଟର ପରିଚୟ ପତ୍ର ନେଇ ଯିବାକୁ ପଡ଼ିବ। ଭୋଟର ପରିଚୟ ପତ୍ର ନ ଥିଲେ ବିକଳ୍ପ ଭାବେ ଆଧାର କାର୍ଡ, ଏମ୍‌ଏନ୍‌ଆର୍‌ଇଜିଏ ଜବ୍ କାର୍ଡ, ଫଟୋଗ୍ରାଫ୍ ଥାଇ ବ୍ୟାଙ୍କ କିମ୍ବା ଡାକ ପାସ ବହି, ଶ୍ରମ ମନ୍ତ୍ରାଳୟ ଦ୍ୱାରା ପ୍ରଦତ୍ତ ସ୍ୱାସ୍ଥ୍ୟବୀମା ସ୍ମାର୍ଟକାର୍ଡ଼, ଡ୍ରାଇଭିଂ ଲାଇସେନ୍ସ, ପ୍ୟାନ୍ କାର୍ଡ, ଆର୍‌ଜିଆଇଏନ୍‌ପିଆର୍ ଦ୍ୱାରା ପ୍ରଦତ୍ତ ସ୍ମାର୍ଟ କାର୍ଡ, ଭାରତୀୟ ପାସ୍‌ପୋର୍ଟ, ଫଟୋ ଥିବା ପେନ୍‌ସନ୍ ଦସ୍ତାବିଜ୍, ଫଟୋ ଥିବା ରାଜ୍ୟ, କେନ୍ଦ୍ର ସରକାରୀ ଚାକିରି ଓ କମ୍ପାନୀ ଚାକିରି କ୍ଷେତ୍ରର ପରିଚୟ ପତ୍ର, ଏମ୍‌ପି, ବିଧାୟକଙ୍କୁ ଦିଆଯାଇଥିବା ସରକାରୀ ପରିଚୟ ପତ୍ର ଆଦି ଏହି ୧୧ଟି ପ୍ରମାଣ ପତ୍ରରୁ ଯେ କୌଣସି ଗୋଟିଏ ଦେଖାଇ ଭୋଟ୍ ଦେଇପାରିବେ।

## ବୁଥ୍ ପରିଦର୍ଶନ କଲେ ଜିଲାପାଳ



ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏକ ବୁଥ୍ ପରିଦର୍ଶନ କରି ଫେରୁଛନ୍ତି।

ଭଦ୍ରକ ଅଫିସ, ୧୯।୧୦

୪୬ ନଂ ଧାମନଗର (ଏସ୍.ସି.) ବିଧାନସଭା ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ତିହିଡ଼ି ବ୍ଲକ୍‌ର କେତେକ ବୁଥ୍‌କୁ ଗସ୍ତ କରି ବୁଧବାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ଥିତି ପରଖିଛନ୍ତି। ମତଦାତା ଓ ମତଦାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ପୋଲିଂ ଦଳଙ୍କ ଅବସ୍ଥାନ ପାଇଁ ସର୍ବନିମ୍ନ ସୁବିଧା, ବିଦ୍ୟୁତ୍ ସରବରାହ, ଶୌଚାଳୟ, ମତଦାନ କକ୍ଷର ଝରକା କବାଟର ସ୍ଥିତାବସ୍ଥା, ପ୍ରବେଶଦ୍ୱାର, ବୁଥକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଆଦି ସୁବିଧା ଓ ସମସ୍ୟା ନେଇ ତଦାରଖ କରିଥିଲେ ଓ ଆବଶ୍ୟକ ମତେ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ‘ଶିକାରୀ ଗୁଳିରେ ଦନ୍ତାର ମୃତ୍ୟୁ ହୋଇଛି’

- ଭାଜପା ଆଣିଲା ଅଭିଯୋଗ
- ଖଣ୍ଡନ କଲା ବନ ବିଭାଗ

ଠାକୁରମୁଣ୍ଡା,୧୯।୧୦(ଡି.ଏନ.ଏ.)

କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଭେଜଡିହା ଫରେଷ୍ଟ ବିଟ୍ ଅଞ୍ଚଳରେ ଗତ ୯ ତାରିଖରେ ଏକ ଦନ୍ତା ହାତୀର ମୃତ୍ୟୁ ହେଇଥିଲା। ତେବେ ଶିକାରୀ ଗୁଳିରେ ଏହି ହାତୀର ମୃତ୍ୟୁ ହୋଇଥିବା ନେଇ ଠାକୁରମୁଣ୍ଡାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ଅଭିଯୋଗ କରିଛି। ଦଳ ପକ୍ଷରୁ କୁହାଯାଇଛି ଯେ, ହାତୀର ମୃତଦେହ ବ୍ୟବଚ୍ଛେଦ ପରେ ପ୍ରାଥମିକ ଭାବରେ ହୃଦ୍‌ଘାତ, ରକ୍ତହୀନତା, କୃର୍ମୀ ଜନିତ ମୃତ୍ୟୁ ବୋଲି ବନ ବିଭାଗ କହିଛି। କିନ୍ତୁ ହାତୀ ମୁଣ୍ଡରେ ବାଜିଥିବା ଗୁଳି ସ୍ଥାନରେ କାଦୁଅ ଲେପ ଦିଆଯାଇ ଲୁଚାଇ ଦିଆଯାଇଥିଲା। ସେହିପରି ହାତୀ ମରି ପଡ଼ିଥିବା ବେଳେ ତାହାର ତଳ ପଟକୁ ଓଲଟାଇ ଯାଞ୍ଚ କରାଯାଇନାହିଁ। ରାତି ୧୧ଟା ପରେ ସ୍ଥାନୀୟ ଲୋକଙ୍କୁ ଯିବାକୁ ବାରଣ କରି ଲୁଚାଛପାରେ ବ୍ୟବଚ୍ଛେଦ କରାଯିବା ଘଟଣା ସନ୍ଦେହ ସୃଷ୍ଟି କରିଛି।

ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ପଶ୍ଚିମ ମୟୂରଭଞ୍ଜ ରାଇରଙ୍ଗପୁର ସାଂଗଠନିକ ଜିଲା ସାଧାରଣ ସମ୍ପାଦକ ତଥା ନିର୍ବାଚନ ମଣ୍ଡଳୀ ସଂଯୋଜକ ଆଶିଷ କୁମାର ମହାନ୍ତ, ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଶିବାଜୀ ଗୌତମ ମହାନ୍ତ,ପୂର୍ବତନ ଜିଲା ପରିଷଦ ସଭ୍ୟ ଯୁଗଳ ନାୟକ, ଜିଲା କୃଷକ ମୋର୍ଚ୍ଚା ସଭାପତି ରଞ୍ଜନ କୁମାର ମହାନ୍ତ,ଠାକୁରମୁଣ୍ଡା ମଣ୍ଡଳ ସଭାପତି ରଣଜିତ ବେହେରା, ମହୁଲଡ଼ିହା ମଣ୍ଡଳ ସଭାପତି ଜଗଦୀଶ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ରେଞ୍ଜ ଅଧିକାରୀ କିଶୋର ପାଣିଗ୍ରାହୀଙ୍କୁ ପଚାରିବାରୁ, ଭାଜପା ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ହାତୀ ମୃତଦେହ ବ୍ୟବଚ୍ଛେଦ ବାରିପଦା ଓ ଠାକୁରମୁଣ୍ଡାର ୨ଜଣ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା କରାଯାଇଛି ବୋଲି ସେ କହିଛନ୍ତି।

# ଭଜନ ସମାରୋହ ପରିଚାଳନା କମିଟି ଗଠିତ

କେନ୍ଦୁଝର,୧୯।୧୦(ସ୍ୱ.ପ୍ର.)

**ଶ୍ରୀ ବଳଦେବଜୀଉଙ୍କ କାର୍ତ୍ତିକ ପୂର୍ଣ୍ଣିମା ପ୍ରସ୍ତୁତି**

କେନ୍ଦୁଝର ଜିଲାର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ପ୍ରାଙ୍ଗଣରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଭଜନ ସମାରୋହ ଅନୁଷ୍ଠିତ ହେବ। କୋଭିଡ୍ କଟକଣା ପରେ ଚଳିତ ବର୍ଷ ଏହାକୁ ଧୂମଧାମ୍‌ରେ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିରେ ରାଜ୍ୟସ୍ତରୀୟ ସୁନାମ ଅର୍ଜନ କରିଥିବା କଣ୍ଠଶିଳ୍ପୀମାନଙ୍କୁ ସାମିଲ କରିବା ପାଇଁ ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମସ୍ତଙ୍କ ମତାମତକୁ ନେଇ ଭଜନ ସନ୍ଧ୍ୟାର ପରିଚାଳନା କରିବାକୁ ଏକ କମିଟି ଗଠନ କରାଯାଇଛି। ସଭାପତି ଭାବେ ପ୍ରାଣତୋଷ ଆଚାର୍ଯ୍ୟ, ଉପସଭାପତି ଭାବେ ବିଶ୍ୱରଞ୍ଜନ ପଟ୍ଟନାୟକ, ସମ୍ପାଦକ ଭାବେ ଶରତ ସାହୁ, ଯୁଗ୍ମ ସମ୍ପାଦକ ଭାବେ ପ୍ରିୟପଦ ମିଶ୍ର, କୋଷାଧ୍ୟକ୍ଷ ଭାବେ ହୃଦାନନ୍ଦ ମହାରଣା, ଉପକୋଷାଧ୍ୟକ୍ଷ ଭାବେ ସତେନ୍ଦ୍ର ନାରାୟଣ କର, ସାଂଗଠନିକ ସମ୍ପାଦକ ଭାବେ ଦେବାଶିଷ ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଥିବା ସୂଚନା ଦିଆଯାଇଛି।

# ଗଣ୍ଡିବେଢ଼ ପୂଜା କମିଟିର ସାଂସ୍କୃତିକ ସନ୍ଧ୍ୟା

ଖଇରା, ୧୯।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ପ୍ରତିଭା ସମ୍ବର୍ଦ୍ଧନା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୭୫ବର୍ଷ ପୂର୍ତ୍ତୀ ଉପଲକ୍ଷେ ଆୟୋଜିତ ଉତ୍ସବରେ କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ବିଜୟକେତନ ନାୟକ ପୌରେହିତ୍ୟ କରିଥିଲେ । ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦର୍ଶନ ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଭାଗିରଥି ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କମିଟି ସମ୍ପାଦକ ମାନସ ରଞ୍ଜନ ରାଉଳ ବିବରଣୀ ପାଠ କରିଥିଲେ। ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ବିଭିନ୍ନ ବିଦ୍ୟାଳୟରେ ସର୍ବାଧିକ ନମ୍ବର ରଖିଥିବା କୃତି ଛାତ୍ରୀଛାତ୍ର କାଜଲ ଆଚାର୍ଯ୍ୟ, କ୍ଷିତୀଶ ବେହେରା, ସଞ୍ଜନା ସାହୁ, ସାଇଶ୍ରିୟା ଦଳେଇ, ଶୁଭଙ୍କର ମହାନ୍ତି ଓ ପ୍ରିୟଙ୍କା ପ୍ରିୟଦର୍ଶନୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧ୍ୟକ୍ଷ ଇନ୍ଦୁଭୂଷଣ ପ୍ରଧାନ, ସହ କୋଷାଧ୍ୟକ୍ଷ ରାମଚନ୍ଦ୍ର ବେହେରା, ବାବାଜୀ ମହାନ୍ତି, ବୁଦ୍ଧିରାମ ବୁଗୁଡାଇ, ଜୀବନ ଦାସ ଓ ଗୋବର୍ଦ୍ଧନ ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ। ସାଇ ଡ୍ୟାନ୍ସ ଗ୍ରୁପ କଳାକାରମାନେ ନୃତ୍ୟ ପରିବେଷଣ କରିଥିବା ବେଳେ ଭୁବନେଶ୍ୱରରୁ ଆସିଥିବା ଅର୍କେଷ୍ଟ୍ରା ଦ୍ୱାରା ମନଛୁଆଁ ସଙ୍ଗୀତ ପରିବେଷଣ କରାଯାଇଥିଲା।



ଅତିଥିମାନେ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

# ଇନ୍ଦ୍ରମଣି ବିଦ୍ୟାଳୟରେ ସୁରଭି ମହୋତ୍ସବ

ଧାମନଗର,୧୯।୧୦(ଡି.ଏନ୍.ଏ)

ଭଦ୍ରକ ଜିଲା ଧାମନଗର ବ୍ଲକ୍ ଅଧୀନ ଇନ୍ଦ୍ରମଣି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶିଶୁ ମହୋତ୍ସବ ସୁରଭି ୨୦୨୨ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଅନୀଲ ବଳ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶେଖରଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଇନ୍ଦ୍ରଗୋବିନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଖଗେଶ୍ୱର ଜେନା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଦତ୍ତ, ସିଆରସିସି ରୂପକ ମିଶ୍ର, ଗୋବିନ୍ଦ ମାଝୀ, ପୂର୍ଣ୍ଣଚନ୍ଦ୍ର ନାୟକ, ରମେଶ ଗାହଣ,




ମଞ୍ଚରେ ଉପସ୍ଥିତ ଅତିଥିମାନେ।

ଭୀମସେନ ହାଁସଦା, ସନାତନ ମୁର୍ମୁ, ମଧୁସ୍ମିତା ରାଉତ, ଶିକ୍ଷକ ଖଗେଶ୍ୱର ସାମଲ, କୃଷ୍ଣଚନ୍ଦ୍ର ବେହେରା, ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ତର୍କ, ଚିତ୍ରାଙ୍କନ, ରଚନା, ଗୀତ, ନାଚ, ହସ୍ତାକ୍ଷର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଶିକ୍ଷୟିତ୍ରୀ ମମତା ଦାଶ, ରଶ୍ମିତା କର, ସବିତା ସାହୁ, ବିଜୟାଲକ୍ଷ୍ମୀ ଦାଶ, ସୁମିତ୍ରା ମିସ୍ତ୍ରୀ, ଅରୁନ୍ଧତି ହୋତା, ପ୍ରତିମା କବାଟ, ପ୍ରଭାତ ଜେନା, ବଳରାମ ମୁଖୀ, ଶ୍ରୀକାନ୍ତ ମହାନ୍ତି, ମୁକେଶ ସେନାପତି, ନୃସିଂହ ସାହୁ, ମନୋରଞ୍ଜନ ଗୋସ୍ୱାମୀ, ସନାତନ ଦାଶ ପରିଚାଳନା କରିଥିଲେ। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ୍ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଧାଂଶୁ ଶେଖର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

## ଏଏପିର କର୍ମୀ ସମ୍ମିଳନୀ

ତେଲକୋଇ,(ଡି.ଏନ୍.ଏ): ଆମ ଆଦମୀ ପାର୍ଟି (ଏଏପି)ତେଲକୋଇ ପକ୍ଷରୁ ସ୍ଥାନୀୟ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ବ୍ଲକସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ତେଲକୋଇ ବିଧାନସଭାର ପର୍ଯ୍ୟବେକ୍ଷକ ଜୈନୁଲ ଆବେଦିନଙ୍କ ସଂଯୋଜନାରେ ଜିଲା ସଭାପତି ମେଘନାଥ ମାଝୀ, ଜିଲା ସଂଗଠନ ସମ୍ପାଦକ ଭବାନୀ ଶଙ୍କର ମହାନ୍ତ ଉପସ୍ଥିତ ଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଥ୍ୟା ପ୍ରତିଶ୍ରୁତିରେ ଅଧିକ ଦିନ ଠକି ପାରିବେ ନାହିଁ ବୋଲି ଜିଲା ସଭାପତି କହିଥିଲେ। ଆଗାମୀ ଦିନରେ ନିର୍ବାଚନ ମଣ୍ଡଳୀରେ ସଂଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକ ମୃତ

ଧୃଷ୍ଟୁରୀ, ୧୯।୧୦- ଭଦ୍ରକ ଜିଲା ଧାମନଗର ବ୍ଲକ ରହିପୁର ପଞ୍ଚାୟତ କାଠମୁଣ୍ଡାପାଳରେ ବୁଧବାର ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଶ୍ରୀକାନ୍ତ ପ୍ରଧାନଙ୍କ ୪ ବର୍ଷର ପୁଅ ଆଶିଷ। ସୂଚନା ଅନୁଯାୟୀ, ଶ୍ରୀକାନ୍ତଙ୍କ ସ୍ତ୍ରୀ ରୋଷେଇରେ ବ୍ୟସ୍ତ ଥିବା ବେଳେ ଆଶିଷ ପୋଖରୀକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ପୁଅକୁ ନ ପାଇ ମା' ଖୋଜଖୋଜି କରିଥିଲେ ମଧ କେଉଁଠି ପାଇ ନ ଥିଲେ। ଦୁଇ ଘଣ୍ଟା ପରେ ପୋଖରୀରେ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀ ମୃତଦେହକୁ ଉଦ୍ଧାର କରିଥିଲେ। ଧୃଷ୍ଟୁରୀ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

### କୋଇଲା ବୋଝେଇ ଟ୍ରକ୍ ଜବତ, ୫ ଅଟକ



ବାସୁଦେବପୁର,୧୯।୧୦(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁରର ବେକମୋଡ଼ି ବ୍ରାହ୍ମଣଗାଁ ସଂଲଗ୍ନ ଆରୁହା ରାସ୍ତାରୁ ମଙ୍ଗଳବାର ରାତିରେ ପୋଲିସ ଏକ କୋଇଲା ବୋଝେଇ ଟ୍ରକ୍ ଜବତ କରିଛି। ଏହି ଘଟଣାରେ ୫ ଜଣଙ୍କୁ ଅଟକ ରଖାଯାଇଛି। ଏହି ଟ୍ରକରେ ୧୫ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ଉକ୍ତ ଟ୍ରକକୁ ପୋଲିସ ଜବତ କରି ଥାନାକୁ ଆଣିବା ବାଟରେ ବାସୁଦେବପୁର ସହର ସ୍ଥିତ ହାଇସ୍କୁଲ ଛକଠାରେ ଟ୍ରକଟି ରାସ୍ତାପାର୍ଶ୍ୱରେ ଦବିଯିବା ସହ ତାର ଟାୟାର ଫାଟିଯିବାରୁ ସେଠାରେ ଅଟକି ରହିଛି। ତେବେ ଉକ୍ତ କୋଇଲା ଧାମରାରୁ ରାଜ୍ୟ ବାହାରକୁ ଚାଲାଣ ହେଉଥିଲା ବୋଲି ବାସୁଦେବପୁର ଥାନା ଆଇଆଇସି ସାବିତ୍ରୀ ପଣ୍ଡା କହିଛନ୍ତି।

### ସାହାରପଡ଼ା ବ୍ଲକ୍‌ରେ ନୂତନ ବିଇଓଙ୍କ ଯୋଗଦାନ

ଢେଙ୍କିକୋଟ୍,୧୯।୧୦(ଡି.ଏନ.ଏ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍‌ରେ ନୂତନ ଶିକ୍ଷାଧିକାରୀ ଭାବେ ଉତ୍ତମ ନାୟକ ଯୋଗ



ଦେଇଛନ୍ତି। ସେ ଘସିପୁରା ବ୍ଲକ୍‌ର ଅତିରିକ୍ତ ଶିକ୍ଷାଧିକାରୀ ଭାବେ କାର୍ଯ୍ୟରତ ଥିଲେ। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଚିଠି ନଂ - ୨୧୮୫୪/୧୮ ଅକ୍ଟୋବର ୨୦୨୨ ଅନୁଯାୟୀ ବିଇଓ ଭାବେ ପଦୋନ୍ନତି ପାଇଛନ୍ତି। ପ୍ରଥମେ ଢେଙ୍କିକୋଟ ପଞ୍ଚାୟତ କପାସପଡ଼ା ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀକୁ ପଦୋନ୍ନତି ପାଇ ଘସିପୁରା ବ୍ଲକ୍‌ରେ ନିଯୁକ୍ତି ହୋଇଥିଲେ।

# ଜିଲାପାଳ,ଏସ୍‌ପିଙ୍କୁ ଏନ୍‌ସିଏସ୍‌ଟିଙ୍କ ସମନ

## ବୋମା ବିସ୍ଫୋରଣରେ ୩ ଆଦିବାସୀ ନାବାଳିକା ଗୁରୁତର ହେବା ଘଟଣା

ଭଦ୍ରକ ଅଫିସ, ୧୯।୧୦

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ପଞ୍ଚାୟତ ତ୍ରିକୋଣା ଛକ ନିକଟରେ ଗତ ମାର୍ଚ୍ଚ ୨୮ ତାରିଖରେ ଅଫୁଟା ବୋମା ବିସ୍ଫୋରଣରେ ୩ ଆଦିବାସୀ ନାବାଳିକା ଗୁରୁତର ହୋଇଥିଲେ। ଏହି ଘଟଣାରେ ଜାତୀୟ ଜନଜାତି ଆୟୋଗ (ଏନ୍‌ସିଏସ୍‌ଟି) ଭଦ୍ରକ ଜିଲାପାଳ ଓ ଏସ୍‌ପିଙ୍କୁ ସମନ ଜାରି କରିଛି। ଆସନ୍ତା ୨୦ ତାରିଖ ଅର୍ଥାତ୍ ଗୁରୁବାର ଅପରାହ୍ନ ୪.୩୦ରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ସମନରେ ଉଲ୍ଲେଖ ରହିଛି। ଏହି ବୋମା ବିସ୍ଫୋରଣ ଘଟଣାକୁ ନେଇ ମାନବାଧିକାର କର୍ମୀ ତଥା ସୁପ୍ରିମ କୋର୍ଟ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଏକ ପିଟିଶନ ଦାଏର କରିଥିଲେ। ବୋମା ବିସ୍ଫୋରଣରେ ଆହତ ୩ ଗରିବ ଆଦିବାସୀ ନାବାଳିକାଙ୍କୁ ଅନୁକମ୍ପା ରାଶି ପ୍ରଦାନ, ମାଗଣା ଚିକିତ୍ସା ଏବଂ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନରେ ଅବହେଳା ନେଇ ପିଟିଶନରେ ଉଲ୍ଲେଖ କରିଥିଲେ। ପ୍ରକାଶଯୋଗ୍ୟ, ଗତ ମାର୍ଚ୍ଚ ୨୮ ତାରିଖରେ ବନ୍ତ ବ୍ଲକ ଅଧୀନ ଦେବତାଗଡ଼ିଆ ଗ୍ରାମର ପୂଜା ହାଁସଦା, ବାସନ୍ତୀ ହାଁସଦା ଓ ସବିତା ମୁର୍ମୁ ତ୍ରିକୋଣା ଛକ ନିକଟସ୍ଥ ଏକ ପୋଖରୀ ହୁଡ଼ାରେ ଥିବା ବୁଦା ଭିତରେ ପ୍ଲାଷ୍ଟିକ ବ୍ୟାଗ ଦେଖିବାକୁ ପାଇଥିଲେ। ଉକ୍ତ ବ୍ୟାଗରେ କ'ଣ ଅଛି ଖୋଲି ଦେଖିବା ବେଳେ ସେଥିରେ ଥିବା ୩ ଟି ଅଫୁଟା ବୋମା ମଧ୍ୟରୁ ଗୋଟିଏ ବିସ୍ଫୋରଣ ହୋଇଯାଇଥିଲା। ଏହି ବିସ୍ଫୋରଣରେ ୩ ଜଣ ଗୁରୁତର ଭାବେ ଆହତ ହୋଇଥିଲେ।

# ୪୭ ଗୋରୁ ଉଦ୍ଧାରକଲା ପୋଲିସ

## ରାଜପଥ ଛାଡି ଗଳିକନ୍ଦି ଦେଇ ଚୋରାଚାଲାଣ

ବାଲିଆପାଳ, ୧୯।୧୦(ସ୍ୱ.ପ୍ର.)

ଦିନକୁ ଦିନ ଗୋରୁ ଚୋରାଚାଲାଣ ବଢୁଥିବାରୁ ଜାତୀୟ ରାଜପଥରେ ବିଭିନ୍ନ ସ୍ଥାନରେ ନାକା ପଏଣ୍ଟ କରି ପୋଲିସ ପକ୍ଷରୁ ପ୍ରହରା ଦିଆଯାଉଛି। ୬୦ନମ୍ବର ଜାତୀୟ ରାଜପଥରେ ଜୋରଦାର ଧରପଗଡ଼ କରାଯାଉଛି। ଫଳରେ ଗୋଚାଲାଣକାରୀମାନେ ଜାତୀୟ ରାଜପଥ ଛାଡ଼ି ଗାଁ ଗଳିକନ୍ଦି ଦେଇ ଚାଲାଣ କରୁଛନ୍ତି। ବୁଧବାର ଭୋର ସମୟରେ ଏକ ଗୋରୁ ବୋଝେଇ ଟ୍ରକ୍ (ନଂ. ଡବ୍ଲୁବି୨୯ବି–୮୨୧୫)କୁ ବାଲିଆପାଳ ପୋଲିସ ପାରୁଲିଆ ଛକରୁ ଜବତ କରିଛି। ସେଥିରୁ ୪୭ଗୋରୁ ଉଦ୍ଧାର କରାଯାଇ ବାଲେଶ୍ୱର ଗୋଶାଳାରେ ଛଡାଯାଇଛି। ବାଲିଆପାଳ ଦେଇ ପଶ୍ଚିମବଙ୍ଗକୁ ଗୋଚାଲାଣ ହେଉଥିବା ସୁରାକ ପାଇ ବାଲିଆପାଳ ଆଇଆଇସି ସୁବ୍ରତ କୁମାର ବେହେରା ସ୍ଥାନୀୟ ଅଞ୍ଚଳରେ ପ୍ରହରାକୁ ଜୋରଦାର କରିଦେଇଥିଲେ। ପୋଲିସ ବିଭିନ୍ନ ଗଳି ବାଟରେ ପଇଁତରା ମାରୁଥିବା ବେଳେ ବୁଧବାର ଭୋର ବାଲିଆପାଳ–କମର୍ଦ୍ଦା ରାସ୍ତାର ପାରୁଲିଆ ଛକ ନିକଟରୁ ଏକ ଗୋରୁ ବୋଝେଇ ଟ୍ରକ୍‌କୁ ଜବତ କରିବା ସହିତ ଟ୍ରକ ଡ୍ରାଇଭର ଓ ହେଲପରଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ବାଲିଆପାଳ ପୋଲିସ ବୁଧବାର ସକାଳେ ଗୋରୁଗୁଡ଼ିକର ସ୍ୱାସ୍ଥ୍ୟ ପରୀକ୍ଷା କରି ବାଲେଶ୍ୱର ଗୋଶାଳାରେ ଛାଡ଼ିଛି। ଏଏସ୍‌ଆଇ ଜ୍ୟୋତିରଞ୍ଜନ ମିଶ୍ର, ପିଥ ହେମ୍ବ୍ରମଙ୍କ ସହିତ ଅନ୍ୟ ପୋଲିସ ଗୋରୁଗାଡ଼ିକୁ ଜବତ କରିଥିବା ବେଳେ ଜ୍ୟୋତିରଞ୍ଜନ ମିଶ୍ର, ମନୋରଞ୍ଜନ ପୁହାଣ, ଉଦ୍ଧାର ଗୋରୁଙ୍କୁ ଗୋଶାଳାରେ ଛାଡ଼ିଛନ୍ତି।



ଜବତ ଗୋରୁ ବୋଝେଇ ଟ୍ରକ।

## ନାତି ସହ ଅପ୍ରାକୃତିକ ଯୌନ ସମ୍ପର୍କ, ଅଜା ଗିରଫ

ଉଦଳା,୧୯।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳର ୭ ବର୍ଷର ନାତିକୁ ଜଙ୍ଗଲକୁ ଡାକି ନେଇ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ଅଭିଯୋଗରେ ପୋଲିସ ସମ୍ପର୍କୀୟ ଅଜାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଜଙ୍ଗଲକୁ ପକ୍ଷୀ ଶିକାର କରିବାକୁ ଯିବାକୁ ସମ୍ପର୍କୀୟ ୭ ବର୍ଷର ନାତିଙ୍କୁ ସାଙ୍ଗରେ ଡାକି ନେଇଥିଲେ। ସେଠାରେ ସେ ନାତି ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ଫଳରେ ନାତି ଗୁରୁତର ହୋଇଥିଲେ। ଜଙ୍ଗଲରୁ ଫେରିବା ପରେ ନାବାଳକ ଜଣକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ଏ ନେଇ ଉଦଳା ଥାନାରେ ଅଭିଯୋଗ ହେବାରୁ ପୋଲିସ ଅଭିଯୁକ୍ତ ଅଜାଙ୍କୁ ଗିରଫ କରିଛି। ଗୁରୁତର ନାତିଙ୍କୁ ଚିକିତ୍ସା ଲାଗି ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ନୃତ୍ୟଗୀତର ଯାଦୁ ଦେଖାଇଲେ ଛାତ୍ରୀଛାତ୍ର



ଛାତ୍ରୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଷଣ।

## ମାଖନପୁର ଆଞ୍ଚଳିକ ସାଧନ କେନ୍ଦ୍ରରେ ସୁରଭି

ଖଇରା, ୧୯।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମାଖନପୁର ଆଞ୍ଚଳିକ ସାଧନ କେନ୍ଦ୍ରରେ ଶିଶୁ ମହୋତ୍ସବ ସୁରଭି ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦିବସବ୍ୟାପୀ ୧୬ଟି ବିଦ୍ୟାଳୟର ଛାତ୍ରୀଛାତ୍ର ନୃତ୍ୟ ସଙ୍ଗୀତ, ଚିତ୍ରାଙ୍କନ ଓ ହସ୍ତାକ୍ଷର ଆଦି ବିଷୟରେ ନିଜର ପାରଦର୍ଶିତା ଦେଖାଇଛନ୍ତି । ଅପରାହ୍ନରେ ମାଖନପୁର ପଞ୍ଚାୟତ ହାଇସ୍କୁଲ ପରିସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସାଧନ ସଂଯୋଜକ ସୁଶାନ୍ତ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ପ୍ରଧାନଶିକ୍ଷକ ମନୋରଞ୍ଜନ ବେହେରା, ସରପଞ୍ଚ ସରୋଜିନୀ ଦାସ, ସମିତିସଭ୍ୟ ରବୀନ୍ଦ୍ର କୁମାର ସେଠୀ, ବିଚାରକ ରଘୁନାଥ ଦାସ, ଅନିମା ରାଉତ, ଭରତ ନାୟକ, ପରିଚାଳନା କମିଟି ସଭାପତି ରତ୍ନାକର ଦାସ, ରବୀନ୍ଦ୍ର କୁମାର ଶିଅଳ, ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପିଲାମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସରକାରଙ୍କ ସୁରଭି ଏକ ବଳିଷ୍ଠ ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନିକଟରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଲିଙ୍ଗରାଜ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର କବି, ପିତାମ୍ବର ଦାସ, କରୁଣାକର ଶିଅଳ, ଯୁଧିଷ୍ଠିର ମହାରଣା, ଶ୍ରୀକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମାଖନପୁର ରାଧାରଶିକମୋହନ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ ।

## ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଆଲୋଚନାଚକ୍ର

କେନ୍ଦୁଝର,୧୯।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ଜଂଘିରା ପଞ୍ଚାୟତର ପିଛୁଳାବେଡ଼ା ଗ୍ରାମରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ଓ ଏହାକୁ ଖାପ ଖୁଆଇ ଚଳିବା ସମ୍ପର୍କିତ ଏକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୀର୍ତ୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ରଙ୍ଗାପାଟ କୃଷକ ସଂଗଠନର ସଭାପତି ଭୁବନ ନାୟକ, ସମ୍ପାଦକ ଶ୍ରୀକାନ୍ତ ନାୟକ, ବନସୁରକ୍ଷା ସମିତିର ସଭାପତି ରଞ୍ଜିତା ନାୟକ, କୀର୍ତ୍ତି ସଂଗଠନର ସମ୍ପାଦକ ଦୁଷ୍କର ବାରିକ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ଜଳବାୟୁରେ ପରିବର୍ତ୍ତନ ଯୋଗୁ ପରିବେଶ ତଥା କୃଷି ଉପରେ ପଡୁଥିବା ପ୍ରଭାବ ବିଷୟରେ ଆଲୋଚନା କରିଥିଲେ। ଶିବିରରେ ଆଖପାଖ ଅଞ୍ଚଳର ୫ ପଞ୍ଚାୟତର ୧୨୧ ମହିଳା ଓ ପୁରୁଷ ଚାଷୀ ସାମିଲ ହୋଇଥିଲେ। ଜଳବାୟୁ ପରିବର୍ତ୍ତନର କୁପ୍ରଭାବକୁ କିପରି ହ୍ରାସ କରାଯାଇପାରିବ ଓ ଏଭଳି ପ୍ରତିକୂଳ ପରିସ୍ଥିତିରେ ଚାଷୀ ମାନେ କିପରି ଚାଷ କାର୍ଯ୍ୟକରିବେ ସେ ବିଷୟରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ବାରିକ ଆଲୋଚନା କରିଥିଲେ। ଅନୁଷ୍ଠାନର କର୍ମୀ ରାଜେଶ ସ୍ୱାଇଁ, ଗୀତା ଦେହୁରୀ, ସିପ୍ରା ଧାଙ୍ଗଡ଼, ପଦ୍ମା ଜୁଆଙ୍ଗ, ପାର୍ବତୀ ଜୁଆଙ୍ଗ ପରିଚାଳନାରେ ସହଯୋଗ କରିଥିଲେ।


ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ଲିଟିଲ୍



@ପ୍ରିୟାଂଶୀ



@ସୁରେନ୍



@ଗୌତମ



@ବାପିନି

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।


# ୩ କାଠମାଫିଆ ଗିରଫ

## ବନ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ ମାମଲା

ଆନନ୍ଦପୁର,୧୯।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ପୋଲିସ ବନ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ ମାମଲାରେ ତିନି କାଠମାଫିଆଙ୍କୁ ବୁଧବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଥାନା ଅଧୀନ ପଦନପୁର ଗ୍ରାମର ରଞ୍ଜନ ଜେନା, ଅଙ୍କୁର ଜେନା, ପ୍ରତାପ ଜେନା। ସୂଚନାଯୋଗ୍ୟ, ଗତ ୧୬ ତାରିଖରେ ଦେଓଗାଁ ରେଞ୍ଜ ଅନ୍ତର୍ଗତ ବରମାଳ ବିଟ୍ ଅଧୀନ ସଂରକ୍ଷିତ ଜଙ୍ଗଲରୁ କେତେକ ଦୁର୍ବୃତ୍ତ ଗଛ କାଟୁଥିଲେ। ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ସେଠାରେ କାଠମାଫିଆମାନେ ବନ ବିଭାଗ କର୍ମଚାରୀଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ସମ୍ପୃକ୍ତ ଘଟଣାକୁ ନେଇ ବନ ବିଭାଗ ପକ୍ଷରୁ ଘସିପୁରା ଥାନାରେ ନଂ. ୩୨୦/୨୨ ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ବିକ୍ରମ କେଶରୀ ସ୍ୱାଇଁ ସୂଚନା ଦେଇଛନ୍ତି।



ଗିରଫ ୩ ଅଭିଯୁକ୍ତ।

# ଗ୍ରାମବାସୀ ତିଆରି କଲେ ଅସ୍ଥାୟୀ ପୋଲ

## ପ୍ରଶାସନ ଶୁଣିଲାନି

ମୋରଡା, ୧୯।୧୦(ଡି.ଏନ.ଏ.)

ବହୁଦିନର ଦାବି ପରେ ମଧ ଶୁଣିଲାନି ପ୍ରଶାସନ। ଗ୍ରାମବାସୀ ମିଶି ତିଆରି କରିଛନ୍ତି ଏକ ଅସ୍ଥାୟୀ ବାଉଁଶ ପୋଲ। ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଦାନ୍ତିଆମୁହାଁର ମାଛୁଆ ପୋଲ ବେତନଟୀ ବ୍ଲକର କେତେକ ପଞ୍ଚାୟତକୁ ସଂଯୋଗ କରୁଛି। ଉକ୍ତ ପୋଲ ଦେଇ ଜିଲାର ପ୍ରମୁଖ ଦାନ୍ତିଆମୁହାଁ ହାଟ ଉପରେ ହଜାର ହଜାର ଲୋକ ନିର୍ଭର କରନ୍ତି। ବହୁ ବର୍ଷ ଧରି ଉକ୍ତ ପୋଲଟି ଭଗ୍ନ ଅବସ୍ଥାରେ ଥିଲା। ତେବେ ସ୍ଥାନୀୟ ଲୋକେ ନୂତନ ପୋଲ ନିର୍ମାଣ ପାଇଁ ଦାବି କରି ଆସୁଥିଲେ ମଧ ପ୍ରଶାସନ ନିଦାବିଷ୍ଟ ସାଜିଛି । ଗତ ଲଗାଣ ବର୍ଷା ଫଳରେ ପୋଲଟି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିବାରୁ ଯାତାୟାତ ବନ୍ଦ ଥିଲା। ପ୍ରଶାସନ ନ ଶୁଣିବାରୁ ସ୍ଥାନୀୟ ଗ୍ରାମବାସୀ ନିଜ ପ୍ରଚେଷ୍ଟାରେ ଯାତାୟାତ ପାଇଁ ଏକ ବାଉଁଶ ପୋଲ ନିର୍ମାଣ କରିଛନ୍ତି। ପ୍ରଶାସନ ଏକ ନୂତନ ସ୍ଥାୟୀ ପୋଲ ନିର୍ମାଣ ନ କଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।



ଗ୍ରାମବାସୀ ତିଆରି କରୁଥିବା ବାଉଁଶ ପୋଲ।

# ଭଙ୍ଗା ଘର ନିକଟରେ ପାଠପଢ଼ା

## ଅଘଟଣ ଆଶଙ୍କା

କେନ୍ଦୁଝର,୧୯।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଅନ୍ତର୍ଗତ ଚାକୁଣ୍ଡାପାଳ ପଞ୍ଚାୟତ ଅଧୀନ ଜଡ଼ିଚାତର ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ଘର ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ମରାମତି ହେଉ ନ ଥିବାରୁ ଦୀର୍ଘ ୧୦ରୁ ୧୨ ବର୍ଷ ହେଲା ଭଙ୍ଗାଘର ନିକଟ ଗୃହରେ ବିପଦସଙ୍କୁଳ ଅବସ୍ଥାରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯାଉଛି। ଛାତଟି କେତେବେଳେ ଭାଙ୍ଗିଯିବା ଆଶଙ୍କା ରହିଥିବାରୁ ପିଲାମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ବିଦ୍ୟାଳୟର ୫ଟି ଶ୍ରେଣୀରେ ବର୍ତ୍ତମାନ ୬୮ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରଧାନଶିକ୍ଷକଙ୍କୁ ମିଶାଇ ମାତ୍ର ୨ଜଣ ଶିକ୍ଷକ ଅଛନ୍ତି। ବିଦ୍ୟାଳୟ ଏସ୍‌ଏମସିର ପୂର୍ବତନ ସଭାପତି ଖଗେଶ୍ୱର ନାୟକ କୁହନ୍ତି, ପୂର୍ବରୁ ଅସୁରକ୍ଷିତ ଘରକୁ ମେଶିନ୍‌ରେ ଭଙ୍ଗାଯିବାକୁ କମିଟି ସ୍ଥିର କରିଥିଲା। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ଲିଖିତ ଆକାରରେ ଜଣାଇଥିଲୁ, କିନ୍ତୁ କୌଣସି ସୁଫଳ ମିଳିନାହିଁ। ଏସଏମସିର ନୂତନ ସଭାପତି ପ୍ରଦୀପ ଚନ୍ଦ୍ର ମହାନ୍ତଙ୍କୁ ପଚାରିବାରୁ କହିଛନ୍ତି, ମାସିକ ସଭାରେ ଏହା ଉପରେ ପୁନଃ ଆଲୋଚନା କରାଯାଇ ସ୍ଥାନୀୟ ସରପଞ୍ଚ ରକ୍ଷାମଣି ନାୟକଙ୍କୁ ଅବଗତ କରାଯିବ। ଯଦି କୌଣସି ସମାଧାନ ନ ହୋଇପାରିଲା ବିଡିଓ ଏବଂ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଗ୍ରାମବାସୀଙ୍କ ବିନା ସହଯୋଗରେ ଏହି କାମ ସମ୍ଭବ ନୁହେଁ ବୋଲି ଜଡ଼ିଚାତର ଗ୍ରାମର ପୂର୍ବତନ ୱାର୍ଡ ସଭ୍ୟ ଲମ୍ବୋଦର ନାୟକ କହିଛନ୍ତି ବୋଲି ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ଗଣେଶ୍ୱର ମୁଣ୍ଡା କହିଛନ୍ତି।

## କାଠ ବୋଝେଇ ଗାଡ଼ି ଜବତ

ଉଦଳା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ବନ ବିଭାଗ ଫୁଲବାଡ଼ିଆ ଗ୍ରାମ ନିକଟରୁ ଚୋରା କାଠ ଚାଲାଣ ହେଉଥିବା ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି। ଏହି ଗାଡ଼ିରେ କାଠ ବୋଝେଇ ହୋଇ ବାଲେଶ୍ୱର ଜିଲା ଅଭିମୁଖେ ଯାଉଥିବା ବେଳେ ବନ ବିଭାଗ ଚଢ଼ାଉ କରି ଗାଡ଼ିକୁ ଜବତ କରିଥିଲା। ତେବେ ଗାଡ଼ି ଛାଡି ଅଭିଯୁକ୍ତ ଫେରାର ହୋଇଯାଇଥିବା ବନ ବିଭାଗ ସୂଚନା ଦେଇଛି। ଜବତ କାଠର ଆନୁମାନିକ ମୂଲ୍ୟ ୫୦ ଟଙ୍କାରୁ ହଜାରରୁ ଊର୍ଦ୍ଧ୍ୱ ହେବ।

## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ ମାରଣାସ୍ତ୍ର ଜବତ, ୩ ଅଭିଯୁକ୍ତ ଗିରଫ

ପଦ୍ମପୁର,୧୯।୧୦(ଡି.ଏନ.ଏ.): ଭଦ୍ରକ ଜିଲା ସାବରଙ୍ଗ ପୋଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି। ଘଟଣା ସ୍ଥଳରୁ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ମାରଣାସ୍ତ୍ର ଜବତ ହୋଇଛି। ସୂଚନା ଅନୁଯାୟୀ, ବାସୁଦେବପୁର ଥାନା ଅଧୀନ ବାପି ପାଣି ଗ୍ୟାଙ୍ଗର ୭ ଜଣ ସଦସ୍ୟ ଭଇଁତିରା ରେଲୱେ ଷ୍ଟେଶନ ଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିଲେ। ପୋଲିସ ସୂଚନା ପାଇ ଘଟଣା ସ୍ଥଳରେ ଚଢ଼ାଉ କରିଥିଲା। ଅନ୍ଧାରର ସୁଯୋଗ ନେଇ କିଛି ଫେରାର ହୋଇଯାଇଥିଲେ। ଇଚ୍ଛାପୁର ଗ୍ରାମର କାହ୍ନୁଚରଣ ବାରିକ, ମାରାପୁର ଗ୍ରାମର ବିଜୟ ପରିଡ଼ା ଓ ଚାନ୍ଦବାଲି ବ୍ଲକ୍ ବାଁଶଡ଼ା ଥାନା ଦିଗଛିଆ ଗ୍ରାମର ସିଲୁ ପାତ୍ରକୁ ପୋଲିସ ଗିରଫ କରିଛି। ସେମାନଙ୍କ ଠାରୁ ଭୁଜାଲି କଟୁରୀ, ମୋବାଇଲ ଫୋନ୍ ଓ ମଦ ବୋତଲ ଜବତ କରିଛି। ଗିରଫ ୩ ଅଭିଯୁକ୍ତଙ୍କୁ ବୁଧବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି। ଏ ନେଇ ମାମଲା (ନଂ ୧୭୧/୨୨) ରୁଜୁ କରାଯିବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ଖାନ୍ତଲାସ କରୁଥିବା ଥାନାଧିକାରୀ ଶୋଭେନ ସ୍ୱାଇଁ କହିଛନ୍ତି।

### ସରପଞ୍ଚଙ୍କୁ ପ୍ରାରମ୍ଭିକ ପ୍ରଶିକ୍ଷଣ

ଭୋଗରାଇ, ୧୯।୧୦(ଡି.ଏନ.ଏ.)- ପଞ୍ଚାୟତିରାଜ ବିଭାଗ ତରଫରୁ ପିକକ୍ ସଂଗଠନ ଜରିଆରେ ଭୋଗରାଇ ବ୍ଲକର ୫୦ଟି ପଞ୍ଚାୟତର ସରପଞ୍ଚମାନଙ୍କୁ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାରଠାରୁ ୫ଦିନ ଧରି ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି।

ଉତ୍ତର ଭୋଗରାଇର ଦୁଡ଼ପଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଭୋଗରାଇ ବ୍ଲକ ବିଡିଓ ଶଙ୍କର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ପଞ୍ଚାୟତିରାଜ ବିଭାଗର ଦୁଇ ଅଧିକାରୀ ଘନଶ୍ୟାମ ସେଠୀ ଓ ଦେବବ୍ରତ ଦାସ ଉପସ୍ଥିତ ଥିଲେ। ଏପରିକି ସରପଞ୍ଚମାନଙ୍କୁ ଦକ୍ଷତାମୂଳେ ଜନସାଧାରଣଙ୍କ ପାଖରେ ଘରେ ଘରେ ପହଞ୍ଚାଇବା ସହ ସେବା ମନୋଭାବ ଜାରି ନିମନ୍ତେ ତାଲିମ ଦିଆଯାଇଥିଲା। ପିକକ୍ ସଙ୍ଗଠନ ତରଫରୁ ପ୍ରୋଗ୍ରାମ ଅଫିସର ଜ୍ୟୋତିଶଙ୍କର ମହାନ୍ତି ଏବଂ ଜିଲା ସଂଯୋଜକ ନାରାୟଣ ଦାସ ପରିଚାଳନା କରିଥିଲେ।

### ମଧୁବୈଶ୍ୟ ସମାଜର ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି

ବାଲେଶ୍ୱର ଅଫିସ, ୧୯।୧୦-ବାଲେଶ୍ୱର ସହର ବାରବାଟୀସ୍ଥିତ ଅଭିରାମ ସାହୁଙ୍କ ଗଣେଶ ମନ୍ଦିର ପ୍ରାଙ୍ଗଣରେ ଜିଲା ମଧୁବୈଶ୍ୟ (ଗୁଡ଼ିଆ) ସମାଜର ବାର୍ଷିକ ସମ୍ମିଳନୀ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ଉପସଭାପତି ନିରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ଜିଲା ସମ୍ପାଦକ ଯୋଗେନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି, ସଙ୍ଗଠନର ସମ୍ପାଦକ, ଉପସଭାପତି, କୋଷାଧ୍ୟକ୍ଷ, ଉପଦେଷ୍ଟା ଓ ଅନ୍ୟାନ୍ୟ କର୍ମକର୍ତ୍ତା ତଥା ଯୁବସଙ୍ଗଠନ କର୍ମକର୍ତ୍ତାଙ୍କ ଦ୍ୱାରା କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଥିଲା। ଆସନ୍ତା ଡିସେମ୍ବର ୧୮ ତାରିଖ ରବିବାର ପୂର୍ବାହ୍ନ ୮ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ଅସ୍ୱାସ୍ଥ୍ୟକର ପରିବେଶରେ ପୌରପାଳିକା ମାର୍କେଟ

## କାମରେ ଲାଗୁନି ଆମିଷ ବଜାର ନୂତନ ଗୃହ

କେନ୍ଦୁଝର,୧୯।୧୦(ସ୍ୱ.ପ୍ର.)

କେନ୍ଦୁଝର ସହରର କେନ୍ଦ୍ରସ୍ଥଳ ଗାନ୍ଧୀଛକ ନିକଟରେ ଥିବା ପୌରପାଳିକା ମାର୍କେଟ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି। ମାର୍କେଟ ମଧ୍ୟରେ ଏବଂ ଡ୍ରେନ୍ ଗୁଡ଼ିକରେ କୁଡ଼କୁଡ଼ ଅଳିଆ ଜମା ହୋଇ ରହୁଛି। ମଇଳା ଆବର୍ଜନା ସଫେଇ ହେଉ ନ ଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଫଳରେ ମଶା, ମାଛି, ଡେଙ୍ଗୁ, ଡାଇରିଆ ଭଳି ମହାମାରୀ ବ୍ୟାପିବା ସମ୍ଭାବନା ରହିଛି। ଏଥି ସହ ଏଠାରେ ଥିବା ପ୍ରାୟ ସମସ୍ତ ଦୋକାନ ଘର ଭାଙ୍ଗି ରୁଜି କଲାଣି। ମାର୍କେଟ ପରିସରରେ ଥିବା ମାଛ ଓ ମାଂସ ଦୋକାନଗୁଡ଼ିକର ଅବସ୍ଥା ମଧ୍ୟ ସମାନ। ବ୍ୟବସାୟୀମାନେ ପେଟପାଟଣା ପାଇଁ ବାଧ୍ୟ ହୋଇ ଏଭଳି ପରିବେଶରେ ବ୍ୟବସାୟ କରୁଥିବା ବ୍ୟବସାୟୀ ଅନିଲ ଶଙ୍କର କହିଛନ୍ତି। ପୂର୍ବରୁ ପୌରପାଳିକା ପକ୍ଷରୁ ଶପିଂ ମଲ ନିର୍ମାଣର ଯୋଜନା କରାଯାଇଥିଲେ ହେଁ



ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି।

ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ଏଥିସହ ଅସ୍ଥାୟୀ ଭାବରେ ବନବାସୀ ରାସ୍ତା କଡ଼ରେ ବସି ସେମାନଙ୍କ ସଂଗୃହୀତ ଓ ଉତ୍ପାଦିତ ଫଳମୂଳ, ପନିପରିବା ବିକ୍ରି କରୁଛନ୍ତି। ସେମାନଙ୍କ ପାଇଁ କିଛି ବ୍ୟବସ୍ଥା କଲେ ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଉଛି। ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୭ କୋଟି ଟଙ୍କା ବ୍ୟୟରେ ଗୋଟିଏ ପୋଖରୀର ସୌନ୍ଦର୍ଯ୍ୟକରଣ କରାଯାଉଛି। ଉଦ୍ୟାନ, ଅଡିଟୋରିୟମ, ଖେଳପଡ଼ିଆ ଆଦିରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ବ୍ୟବସାୟୀ ଅସ୍ୱାସ୍ଥ୍ୟକର ପରିବେଶ, ଭଙ୍ଗା ଘରେ ବ୍ୟବସାୟ କରୁଛନ୍ତି। ଏହି ସ୍ଥାନର ବିକାଶ କରି ପ୍ରସ୍ତାବିତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଉ ନାହିଁ। ଏହା ପଛରେ ପ୍ରଶାସନର କ'ଣ ଆଭିମୁଖ୍ୟ ରହିଛି ଠିକ୍ ଜଣାପଡୁନାହିଁ ବୋଲି ମାଧପୁର ବାସିନ୍ଦା ପ୍ରଦୀପ ମହାନ୍ତି କହିଛନ୍ତି। ଡାଙ୍ଗରପଡ଼ାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ମାଛ ଓ ମାଂସ ବିକ୍ରି ପାଇଁ ନୂତନ ଘର ନିର୍ମାଣ ହୋଇଛି। ଘର କାମରେ ଲାଗୁ ନ ଥିବାରୁ ଭୂତକୋଠିରେ ପରିଣତ ହେବାକୁ ବସିଛି । ସେହି ଖର୍ଚ୍ଚରେ ଏହି ସ୍ଥାନର ଉନ୍ନତୀକରଣ କରି ଭଲ ମାର୍କେଟ କମ୍ପ୍ଲେକ୍ସ ପ୍ରସ୍ତୁତ କରାଯାଇପାରିଥାନ୍ତା ବୋଲି ଆଇନଜୀବୀ ଭରତ ଦାସ କହିଛନ୍ତି। ପୌରପାଳିକା ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ କହିଛନ୍ତି ଯେ, ଏହି ସ୍ଥାନଟି ଅପନ୍ତରା ଓ ଅସୁରକ୍ଷିତ ହୋଇ ରହିଛି। ଏହାର ଉନ୍ନତୀକରଣ କରିବା ନେଇ ପଦକ୍ଷେପ ନିଆଯିବ।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



ରାସ୍ତାରୋକୋ କରିଥିବା ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

## ହାତୀ ଉପଦ୍ରବ

ଠାକୁରମୁଣ୍ଡା,୧୯।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡରେ ହାତୀ ଉପଦ୍ରବ ଥମିବାର ନାଁ ଧରୁନି। ଏହାର ପ୍ରତିବାଦରେ ବୁଧବାର ଦୁଧିଆଣି ରେଞ୍ଜ ଅଧୀନ ପୁରୁଣାଦେଓଗାଁ, ପିଛୁଳି, ଦରି, ବାଗଦଫା, ଡୁମୁରିଆ ଆଦି ୫ରୁ ଅଧିକ ଗାଁର ଲୋକେ କ୍ଷତିପୂରଣ ଦାବି ସହ ହାତୀ ଘଉଡ଼ାଇବା ଦାବି ନେଇ ତାଟୋ ସ୍ଥିତ ଦୁଧିଆଣି ରେଞ୍ଜ ଅଫିସ ସାମ୍ନାରେ ଯାଇଥିବା ୨୨୦ ନଂ. ଜାତୀୟ ରାଜପଥରେ ଟାୟାର ଜାଳି ଅବରୋଧ କରିଥିଲେ। ୨୦୦ ରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତ ଲୋକେ ରାସ୍ତା ଅବରୋଧ କରିବା ଫଳରେ ପୂର୍ବାହ୍ନ ୧୧ଟାରୁ ୩ ଘଣ୍ଟା ଧରି କରଞ୍ଜିଆ- ଟାଟା,କରଞ୍ଜିଆ- ବାରିପଦାକୁ ଗମନାଗମନ ବ୍ୟାହତ ହୋଇଥିଲା। କରଞ୍ଜିଆ ଏସ୍‌ଡିପିଓ, ଥାନାଧିକାରୀଙ୍କ ସହ ଡିଏଫ୍‌ଓ,ଏସିଏଫ୍ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ଦାବି ପୂରଣ କରାଯିବା ନେଇ ନିର୍ଭର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ଉଲ୍ଲେଖଯୋଗ୍ୟ, ଏବେ ଦୁଧିଆଣି ରେଞ୍ଜ ଅଞ୍ଚଳରେ ୨୪ ଟିକିଆ ହାତୀପଲ ଉତ୍ପାତ ଚଳାଇଛନ୍ତି।

# ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ




ବୈଠକରେ ଉପସ୍ଥିତ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତଙ୍କ ସହ ଅନ୍ୟମାନେ ।

## ଯୋଡ଼ା ପଞ୍ଚାୟତ ସମିତିର ଚତୁର୍ଥ ବୈଠକ

ଯୋଡା,୧୯।୧୦ (ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ପଞ୍ଚାୟତ ସମିତିର ଚତୁର୍ଥ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତିର ଅଧ୍ୟକ୍ଷ କବୀନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ବ୍ଲକ୍ ଉପାଧ୍ୟକ୍ଷା ମାଳତୀ ଖଟୁଆ, କେନ୍ଦୁଝର ଏମ୍‌ପିଙ୍କ ପ୍ରତିନିଧି ଜନାର୍ଦ୍ଦନ ସିଦ୍ଧୁ, ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡଃ ଲକ୍ଷ୍ମୀକାନ୍ତ ସିଂହ, ଯୋଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗନ୍ନାଥ ହନୁମାନ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଚମ୍ପୁଆ ବିଧାୟିକା ମହାନ୍ତ ଯୋଡ଼ା ବ୍ଲକର ୧୯ଟି ପଞ୍ଚାୟତରେ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷ କରି ଯୋଡ଼ା ପଞ୍ଚାୟତ ସମିତିରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ସଫଳ ରୂପାୟନ ନିମନ୍ତେ ପଞ୍ଚାୟତ ସମିତି ବୈଠକରେ ଆଲୋଚନା ହୋଇଥିଲା। ଗ୍ରାମରେ ଲାଗି ରହିଥିବା ବିଜୁଳି ସମସ୍ୟାକୁ ନେଇ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଅଧ୍ୟକ୍ଷ ତଥା ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଜୁରୁଡ଼ି, କମଳପୁର ରାସ୍ତା ତ୍ୱରାନ୍ୱିତ କରିବା ସହ ୫-ଟି ପ୍ରକଳ୍ପ କାର୍ଯ୍ୟ ଏ ପର୍ଯ୍ୟନ୍ତ ଅଗ୍ରଗତି ହୋଇପାରିନଥିବା ନେଇ ବୈଠକରେ ଉପସ୍ଥାପନ ହୋଇଥିଲା। ବୈଠକରେ ପଞ୍ଚାୟତସମ୍ପ୍ରସାରଣ ଅଧିକାରୀ କାହ୍ନୁଚରଣ ମଝୀଙ୍କ ସମେତ ଅନ୍ୟ ଅଧିକାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ପାଟଣା,୧୯।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ସାହାରପଡ଼ା ବ୍ଲକ୍‌ରେ ବୁଧବାର ବିଜେଡି ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକଙ୍କ ନେତୃତ୍ୱରେ ବାଇକଳାଠାରୁ ଆରମ୍ଭ ହୋଇ ଖୁଣ୍ଟାପଡ଼ା, ଉଦୟପୁର, ମୋଉଦିପା ଖଜିରାପାଟ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପରିକ୍ରମା କରି ମଲାରପଦା ପଞ୍ଚାୟତର ଜାମୁଦାରେ ଶେଷ ହୋଇଛି। ଏଥିରେ ଏମପି ଚନ୍ଦ୍ରାଣୀ ମୁର୍ମୁ, ପାଟଣା ବିଧାୟକ ଜଗନ୍ନାଥ ନାଏକ, ବିଜେଡି ଜିଲା ସଭାପତି ମାଧବ ସର୍ଦ୍ଦାର, ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷା ରୀନା ନାୟକ, ଉପାଧ୍ୟକ୍ଷା ଛବିରାଣୀ ସେଠୀ, ପାଟଣା ବ୍ଲକ୍ ଅଧ୍ୟକ୍ଷା ଶୁକାନ୍ତି ନାଏକ, ୨୧ ନଂ. ଯୋନର ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ନାଏକ, ୨୨ ନଂ. ଯୋନର ସୌଭାଗ୍ୟ ମଞ୍ଜରୀ ନାଏକ, ୨୩ ନଂ ଯୋନର ରୁନୁ ମହାନ୍ତ, ୨୯ ନଂ ଯୋନର ବୁଦ୍ଧଦେବ ମହାକୁଡ଼, ୩୦ ନଂ.ର ଚମ୍ପାବତୀ ଟୁଡ୍ଡୁ, ୧୫ ନଂ.ର ରମଣୀ ନାଏକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ରମ୍ଭାବତୀ ଦେହୁରୀ, ବରିଷ୍ଠ ନେତ୍ରୀ କିରଣବାଳା ସିଂ, ବିଜୁ କୃଷକ ଜନତା ଦଳ ଜିଲା ସଭାପତି ଦୀପକ ରାଜ, ବ୍ଲକ୍ ବିଜେଡି ସଭାପତି ଗୋବିନ୍ଦ ମହାନ୍ତ, ଛାତ୍ରବିଜେଡି ସାହାରପଡ଼ା ବ୍ଲକ୍ ସଭାପତି ପ୍ରଣବ ପୋହି, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସୌମ୍ୟ ରଞ୍ଜନ ରାଉତ, ପାଟଣା ବ୍ଲକ୍ ଛାତ୍ର ବିଜେଡି ସଭାପତି ରଘୁବର ମହାନ୍ତଙ୍କ ସହ ବରିଷ୍ଠ ବିଜେଡି ନେତା ଓ କର୍ମୀମାନେ ଯୋଗ ଦେଇଥିଲେ।



ପଦଯାତ୍ରାରେ ପାଟଣା ବିଧାୟକଙ୍କ ସହ କର୍ମକର୍ତ୍ତା।

# ମହାନ୍ ରାଷ୍ଟ୍ରଭକ୍ତ ଥିଲେ କଲାମ

ଖଇରା, ୧୯।୧୦(ଡି.ଏନ.ଏ.)

ଜାତୀୟ ସ୍ୱାସ୍ଥ୍ୟ ମିଶନ କୁପାରୀ ଓ ବରପଦା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ମିଳିତ ସହଯୋଗରେ ଖଇରା ବ୍ଲକ କୁପାରୀ ହାଇସ୍କୁଲ ପରିସରରେ ଶନିବାର ପୂର୍ବତନ ରାଷ୍ଟ୍ରପତି ତଥା ମିଶାଇଲ ମ୍ୟାନ ଭାବେ ପରିଚିତ ଡ. ଅବଦୁଲ କାଲାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଥମେ କୁପାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଜଗବନ୍ଧୁ ବେଶ୍ରାଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବକ୍ତାଗଣ ଯୋଗଦେଇ ଡ. ଅବଦୁଲ କାଲାମଙ୍କୁ ମହାନ ରାଷ୍ଟ୍ରଭକ୍ତ ଭାବେ ସମ୍ବୋଧନ କରି ଛାତ୍ରୀଛାତ୍ରମାନେ ତାଙ୍କ ଭଳି ଉତ୍ସର୍ଗୀକୃତ ଭାବନା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପରେ ବିଶିଷ୍ଟ ଯୋଗଗୁରୁ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୁଷ ବିଦ୍ୟାଳୟ କାର୍ଯ୍ୟକ୍ରମ ଅଧୀନ ବିଭିନ୍ନ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପିଲାମାନେ ଆତ୍ମହତ୍ୟାପ୍ରବଣ ହୋଇ ପଡୁଥିବା ବେଳେ ଏଥିପାଇଁ ମାନସିକ ଚାପ ଦାୟୀ। ଯୋଗ ମାଧ୍ୟମରେ ଏହାର ଉପଚାର କରାଯାଇପାରିବ ବୋଲି ପ୍ରଶିକ୍ଷଣ ଶିବିରରେ ପ୍ରକାଶ କରିଥିଲେ। କୁପାରୀ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକ ସୁକାନ୍ତି ଦାସ, ରଶ୍ମିତା ସିଂ, ଗୀତାଞ୍ଜଳୀ ସାହୁ, ଜୟନ୍ତୀଲତା ଜେନା, ତୃଷାନିବାରିଣୀ ରାଉତ, ଅଲିଭା ଦାସ, ସରୋଜିନୀ ମହାପାତ୍ର, ଅଭୟ କୁମାର ଦଳେଇ, ସନ୍ତୋଷ କୁମାର ବାରିକ, ସଞ୍ଜୟ କୁମାର ଦାସ, ଲକ୍ଷ୍ମୀଧର ବେହେରା, ଚିତ୍ତରଞ୍ଜନ ନାୟକ ଏବଂ ଯୁବ ସଙ୍ଗଠକ ଦୈତାରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ସାହିତ୍ୟର ଅସ୍ମିତା 'ଶ୍ରୀ ଜଗନ୍ନାଥ ପରମ୍ପରା'

## ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭଦ୍ରକ ଅଫିସ,୧୯।୧୦

ଓଡ଼ିଆ ସାହିତ୍ୟର ଅସ୍ମିତା ହେଉଛି 'ଶ୍ରୀଜଗନ୍ନାଥ ପରମ୍ପରା'। ଆମ ମାତୃଭାଷା ପରିଷଦ ଆନୁକୂଲ୍ୟରେ ଭଦ୍ରକ କଲ୍ୟାଣୀ ନଗର ଗୁରୁକୃପା ଭବନରେ ଆୟୋଜିତ ସଂକ୍ରାନ୍ତି ଆସର'ରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆମ ସାହିତ୍ୟରେ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ରକୁ ମୁଖ୍ୟ ଅତିଥି ନାଟ୍ୟକାର ବିଜୟ ଦାସ ଉଦ୍‌ଘାଟନ କରିଥିଲେ। ଭଦ୍ରକ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ମୁଖ୍ୟ ବକ୍ତା ଭାବେ ଜଗନ୍ନାଥ ସେବକ ଶରତ ସାହୁ, ଅନ୍ୟତମ ଅତିଥି ତ୍ୟାଗଭୂମୀ ସଭାପତି ଅଜୟ ନାୟକ, କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ନୀହାର ରଞ୍ଜନ କର, ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ଓଡ଼ିଶା ନାଟ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ନାଟ୍ୟଶ୍ରୀ ନିର୍ମଳ ରାଉତ, ଅବସରପ୍ରାପ୍ତ ଅଧ୍ୟାପକ କମଳାକାନ୍ତ ସ୍ୱାଇଁ, ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ କୃପାସିନ୍ଧୁ ନାୟକ, ପ୍ରାଧ୍ୟାପକ ହରେକୃଷ୍ଣ ପଣ୍ଡା, ପ୍ରାଧ୍ୟାପକ ଅଟଳ ବିହାରୀ ନାୟକ ଓ ଡ. ସୁଦର୍ଶନ ବାରିକ୍ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଷଦର ସମ୍ପାଦକ ଡା. ଅନିଲ୍ ଦାଶ, ସମ୍ପାଦକୀୟ ପାଠ, ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ଓ ମଞ୍ଚ କଳାକାର କାଳନ୍ଦୀ ମଲ୍ଲିକ ବେଦପାଠ କରିଥିଲେ। କବି ବିପ୍ଳବ ହୋତା ଓ କବି ଗୌରାଙ୍ଗ ବାରିକଙ୍କ ସଂଯୋଜନାରେ ବହୁ ସଂଖ୍ୟାରେ କବି କବିତା ପାଠ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଦୀପ୍ତିମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବକାରୀ ଗୋଇନ୍ଦା ବିଭାଗର ଚଢ଼ାଉ: ୨ ଗିରଫ

ସୋର, ୧୯।୧୦(ଡି.ଏନ୍.ଏ.)

କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ବୁଧବାର ସକାଳେ ଜଳେଶ୍ୱର ସହରରେ ଥିବା ନାୟକବନ୍ଧ ଛକ ନିକଟରୁ ଏକ ବାଇକ ସହ ସହ ୫୦ଟି ଜିଞ୍ଜର ବୋତଲ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଡେପୁଟି କମିଶନର ରଜତ ପ୍ରହରାଜଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପ୍ରତାପଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଆଇଆଇସି ସତ୍ୟଜିତ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ସକାଳେ ଏହି ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଏକ ବାଇକରେ ବାଲେଶ୍ୱରରୁ ଭଦ୍ରକକୁ ୫୦ଟି ଜିଞ୍ଜର ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ଫଳରେ ଅବକାରୀ ବିଭାଗର ଏହି ଟିମ୍ ଗାଡିକୁ ଅଟକାଇ ଯାଞ୍ଚ କରିବା ପରେ ଜିଞ୍ଜର ବୋତଲ ସହ ବାଇକକୁ ଜବତ କରି ଖଇରା ଥାନା ପ୍ରହରାଜପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ବାରିକ ଓ ମଛଦା ଗ୍ରାମର କାର୍ତ୍ତିକ ପାକଳଙ୍କୁ ଗିରଫ କରିଥିଲା।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ମଶାଳା

ରୂପସା, ୧୯।୧୦(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ନୀଳମଣି ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦ ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ଅସୀମ ଅମିତାଭ ପ୍ରଧାନ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟର ପ୍ରକାରଭେଦ ଓ ପୂର୍ବପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶାନ୍ତିଲତା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ମନୋରଞ୍ଜନ ବେହେରା ଓ ଅବସରପ୍ରାପ୍ତ ଜେଟିଓ ସୁଧାକର ଗିରି ମଞ୍ଚାସୀନ ହୋଇ ବିପର୍ଯ୍ୟୟ ମୁକାବିଲା ଦିଗରେ ଆଲୋଚନା କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାବଧାନତା ଓ ସତର୍କତା ଅବଲମ୍ବନ କରିପାରିଲେ ଏହି ବିପଦରୁ ସୁରକ୍ଷା ମିଳିପାରିବ ବୋଲି କର୍ମଶାଳା ମାଧ୍ୟମରେ ଅବଗତ କରାଯାଇଥିଲା। ସଦସ୍ୟ ଗୋପାଳ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ଅଧ୍ୟାପକ ହିରଣ୍ୟ କୁମାର ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଦେବେନ୍ଦ୍ର ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସିଦ୍ଧାନ୍ତ ସିଂହ, ଜୀବନକୃଷ୍ଣ ସାହୁ, କବିତା ବେହେରା, ବନିତା ପାତ୍ର, ସୁଶାନ୍ତ ବର, ଶୁଭସ୍ମିତା ରାଜ ଓ ରାଜନନ୍ଦିନୀ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଶ୍ରୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




କର୍ମଶାଳାରେ ଉପସ୍ଥିତ ଅତିଥି।

# ଟ୍ୟାଙ୍କର ମାଲିକ ସଂଘର ବାର୍ଷିକ ସମ୍ମିଳନୀ




ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ଅଫିସ, ୧୯।୧୦

ବାଲେଶ୍ୱର ସହର ଷ୍ଟେଶନଛକସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ଦୁର୍ଗା ଗାର୍ଡେନ ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜୋନ୍ ଟ୍ୟାଙ୍କର ମାଲିକ ସଂଘର ବାର୍ଷିକ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ତୈଳ କମ୍ପାନୀର ପାତରଅନ୍ତର ନୀତି ପାଇଁ ପରିବହନକାରୀ ସଂସ୍ଥା ଓ ଡିଲରମାନେ ଅସୁବିଧା ଭୋଗୁଛନ୍ତି। ତୈଳ କମ୍ପାନୀର ଗୁପ୍ତ କୁଚକ୍ରାନ୍ତକୁ ବୁଝିବା ସହ ଏକତାବଦ୍ଧ ଭାବେ ଏହାର ପ୍ରତିବାଦ କରିବା ଉପରେ ଆୟୋଜିତ ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଥିଲା।

ସଂଘ ସଭାପତି ରାମୋତ୍ତର ପ୍ରସାଦ ମୋରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରି ସାଙ୍ଗଠନିକ ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ବିଜେଡି ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ତୈଳ ବ୍ୟବସାୟରେ କମ୍ପାନୀମାନେ କୌଣସି କ୍ଷତି ସହୁ ନ ଥିବା ବେଳେ ଡିଲର ଓ ପରିବହନକାରୀ ସଂସ୍ଥାମାନେ କ୍ଷତି ସହୁଛନ୍ତି। ଏହା ଉପରେ ଗୁରୁତ୍ୱ ଦେଇ ବାଲେଶ୍ୱରରୁ ସଂଗ୍ରାମ ଆରମ୍ଭ କରାଯାଇ ସର୍ବଭାରତୀୟ ସ୍ତରରେ ପହଞ୍ଚାଇବାର ଆବଶ୍ୟକତା ରହିଛି। ଏହା ଉପରେ ଭାରତ ସରକାର ଆଲୋଚନା କରିବାକୁ ବାଧ୍ୟ ହେବେ ଏବଂ ସଫଳତା ମିଳିବ ବୋଲି ପ୍ରକାଶ କରିଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଦୀର୍ଘଦିନ ଧରି ପେଟ୍ରୋଲ, ଡିଜେଲ ପରି ଆବଶ୍ୟକ ସାମଗ୍ରୀ ବାଲେଶ୍ୱରରେ ଥିବା ତୈଳଡିପୋରୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ଭଳି ୪ଟି ଜିଲାକୁ ନିରବିଚ୍ଛିନ୍ନ ଭାବେ ଯୋଗାଣ କରିଆସୁଥିବାରୁ ପ୍ରଶଂସା କରିଥିଲେ। ସମ୍ମିଳନୀରେ ଉତ୍କଳ ପେଟ୍ରୋଲ ପମ୍ପ ଆସୋସିଏଶନ ସାଧାରଣ ସମ୍ପାଦକ ସଞ୍ଜୟ ଲୋଟେ, ବାରିପଦା ଡିଲର ଆସୋସିଏଶନ ସଭାପତି ଓମ୍ ପ୍ରକାଶ ଅଗ୍ରୱାଲ, ବାଲେଶ୍ୱର ଜୋନ୍ ଟାଙ୍କିଗାଡ଼ି ମାଲିକ ସଂଘ ଉପସଭାପତି ଭକ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ୪ ଜିଲାରୁ ଆସିଥିବା ସଦସ୍ୟମାନେ ନିଜର ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରିଥିଲେ।

# ଜବରଦଖଲ ଉଚ୍ଛେଦ

ବାରିପଦା ଅଫିସ,୧୯।୧୦

କ୍ରମବର୍ଦ୍ଧିଷ୍ଣୁ ବାରିପଦା ସହରରେ ଦିନକୁ ଦିନ ଦୋକାନ ବଜାର ବଢିବାରୁ ଯାତାୟତରେ ଅସୁବିଧା ହେଉଛି। ଏହାକୁ ଦୃଷ୍ଟିରେ ରଖି ପୌରପରିଷଦ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସହରର ରାସ୍ତା କଡ଼ରେ ଜବରଦଖଲକାରୀ ଉଠା ଦୋକନୀମାନଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଥିଲା। ବେଆଇନ ଭାବେ ସେମାନେ ବ୍ୟବସାୟ କରୁଥିବାରୁ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳୁଥିଲା। ଏପରିକି ପିଆରଏମ ହସ୍ପିଟାଲକୁ ସଂଯୋଗ କରୁଥିବା ରାସ୍ତାରେ ମଧ୍ୟ ଜବରଦଖଲ ଦୋକାନ ପାଇଁ ଆମ୍ବୁଲାନ୍ସ ଗୁଡିକ ରୋଗୀକୁ ନେଇ ଯିବାରେ ବହୁ ଅସୁବିଧା ହେଉଥିଲା । ଏହି ସବୁ ସମସ୍ୟାଗଡ଼ିକୁ ଦୃଷ୍ଟିରେ ବାରିପଦା ପୌରପରିଷଦର ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ସତ୍ୟସାଇ ଛକ, ଫ୍ରେଜର ହଷ୍ଟେଲ ଛକ, କଚେରୀ ରୋଡ, ହସ୍ପିଟାଲର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏହି ଉଚ୍ଛେଦ ପ୍ରକ୍ରିୟା କରାଯାଇଛି। ପୋଲିସ ଫୋର୍ସ ଉପସ୍ଥିତିରେ ଦୋକାନଗୁଡ଼ିକ ଜେସିବି ସାହାର୍ଯ୍ୟରେ ଭାଙ୍ଗି ଦିଆଯାଇଛି। ପୋରପରିଷଦ ଅଧିକାରୀ ଉପସ୍ଥିତ ରହି ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ତେବେ ଥଇଥାନ ନ କରି ଏଭଳି ଉଚ୍ଛେଦ କରିବାକୁ ଦୋକାନୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ଭେଣ୍ଡି ଜୋନ କରି ଥଇଥାନ କରାଯିବ ବୋଲି ପୌରାଧ୍ୟକ୍ଷ ମହାନ୍ତି କହିଛନ୍ତି।

# ପୋଖରୀରୁ ମହିଳାଙ୍କ ମୃତଦେହ ଜବତ

ଭଣ୍ଡାରିପୋଖରୀ,୧୯।୧୦(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ କୁରିଗାଁ ଶାସନଠାରେ ଥିବା ଏକ ପୋଖରୀରୁ ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ମୃତ ମହିଳା ଜଣକ ହେଉଛନ୍ତି ଗ୍ରାମର ପ୍ରଫୁଲ୍ଲ ଦେବତାଙ୍କ ପତ୍ନୀ ମନୋରମା ଦେବତା (୩୬)। ମନୋରମା ଗତ ମଙ୍ଗଳବାର ଦିନ ନିଖୋଜ ହୋଇଯାଇଥିଲେ। ବୁଧବାର ପୋଖରୀରେ ତାଙ୍କ ଶବ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ନଂ. ୨୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

